# କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫

ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ଅସ୍ମିତାକୁ ଋଦ୍ଧିମନ୍ତ କରିବା ପାଇଁ 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା, ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ପ୍ରଫେସର ଡକ୍ଟର ଅଚ୍ୟୁତ ସାମନ୍ତ ଏବଂ ତାଙ୍କ ଭଉଣୀ ବିଶିଷ୍ଟ ସାହିତ୍ୟିକା, ଚଳଚ୍ଚିତ୍ର ପ୍ରଯୋଜିକା ଓ ସମ୍ପାଦିକା ଡକ୍ଟର ଇତି ସାମନ୍ତ ପ୍ରତିଷ୍ଠା କରିଥିଲେ **କାଦମ୍ବିନୀ ମିଡିଆ ପ୍ରା.ଲି.**। ଏହାର ପ୍ରଥମ ଉଦ୍ୟମସ୍ୱରୂପ ପ୍ରଫେସର ସାମନ୍ତ ପ୍ରତିଷ୍ଠା କରିଥିଲେ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା **'କାଦମ୍ବିନୀ'**; ଯାହାର ସମ୍ପାଦନାର ଗୁରୁଦାୟିତ୍ୱ ପ୍ରଥମରୁ ହିଁ ସମ୍ଭାଳି ଆସିଛନ୍ତି ଡକ୍ଟର ଇତି ସାମନ୍ତ। ଆଉ ଓଡ଼ିଶାର ଏହି ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା ପ୍ରଥମେ ଆତ୍ମପ୍ରକାଶ କଲା ୨ ଜୁଲାଇ ୨୦୦୦ ମସିହାରେ। ବିବିଧ ସାମାଜିକ, ସାଂସ୍କୃତିକ ଓ ସାଂପ୍ରତିକ ଉପାଦେୟ ବିଷୟକୁ ନେଇ ପ୍ରସ୍ତୁତ ସୁନ୍ଦର ସୁନ୍ଦର ଫିଚର ସମେତ ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ରାଶିଫଳ, କ୍ରୀଡ଼ା, ଚଳଚ୍ଚିତ୍ର, ରୋଷେଇ, ଘରକରଣା ଆଦି ବିଭିନ୍ନ ବିଭାଗର ରଚନାରେ ସମୃଦ୍ଧ ତଥା ରଚିଶୀଳ ଓ ସୁଦୃଶ୍ୟ ପରିପାଟୀରେ ପ୍ରକାଶିତ 'କାଦମ୍ବିନୀ' ପାଠକ, ଲେଖକଙ୍କ ସମେତ ଓଡ଼ିଶା ଓ ଓଡ଼ିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡ଼ିଆଙ୍କର ପ୍ରିୟ ପତ୍ରିକା ହେବାର ସୌଭାଗ୍ୟ ଲାଭ କରିପାରିଛି। ଗର୍ବ ଓ ଗୌରବର କଥା, ଗତ ୨ ଜୁଲାଇ ୨୦୨୪ରେ 'କାଦମ୍ବିନୀ' ୨୫ ବର୍ଷରେ ପଦାର୍ପଣ କରିବା ସହିତ ସଫଳତାର ରୌପ୍ୟଜୟନ୍ତୀ ପାଳନ କରିଛି।

କାଦମ୍ବିନୀ ମିଡିଆ କେବଳ ପତ୍ରିକା ପ୍ରକାଶନରେ ନିଜକୁ ସୀମିତ ନ ରଖି ପୁସ୍ତକ ପ୍ରକାଶନ, ଦୃଶ୍ୟ-ଶ୍ରାବ୍ୟ କ୍ୟାସେଟ୍ ଓ ସିଡ଼ି ପ୍ରସ୍ତୁତ ସମେତ ଚଳଚ୍ଚିତ୍ର, ଟେଲି ଚଳଚ୍ଚିତ୍ର ନିର୍ମାଣ ଆଦିରେ ନିଜକୁ ସଂଯୁକ୍ତ କରିଛି।

ସେହିପରି ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରଚାର, ପ୍ରସାର, ଉନ୍ନତି ଓ ସଂରକ୍ଷଣ ନିମନ୍ତେ ୨ ଜୁଲାଇ ୨୦୨୨ ମସିହାରେ ସ୍ଥାପନା କରାଯାଇଛି **'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ'**। ପ୍ରଥମଥର ପାଇଁ ବେସରକାରୀ ସ୍ତରରେ ଏହା ଏକ ଅଭିନବ ପଦକ୍ଷେପ। ସାହିତ୍ୟର ବିଭିନ୍ନ କ୍ଷେତ୍ର ସମେତ କଳା, ସଂସ୍କୃତି ଜଗତର ଯୋଗ୍ୟ ବ୍ୟକ୍ତିତ୍ୱମାନଙ୍କୁ ଉତ୍ସାହିତ କରିବା, ସମ୍ମାନିତ କରିବା ଓ ସେମାନଙ୍କ କୃତିକୁ ସମ୍ମୁଖକୁ ଆଣିବା 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ'ର ମୂଳ ଲକ୍ଷ୍ୟ। ଏତଦ୍‌ବ୍ୟତୀତ ରାଜ୍ୟ ଓ ଦେଶର ବିଭିନ୍ନ ଅଞ୍ଚଳରେ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିଷୟକ ସଭାସମିତି କରିବା, ସ୍ଥାନୀୟ ଅଞ୍ଚଳର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ମଧ୍ୟ 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ'ର ଉଦ୍ଦେଶ୍ୟ। ସର୍ବୋପରି ଗବେଷଣାତ୍ମକ କାର୍ଯ୍ୟକୁ ବିଶେଷ ଗୁରୁତ୍ୱ ଦେଇ ପ୍ରୋତ୍ସାହିତ କରିବା 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ'ର ଲକ୍ଷ୍ୟ।

ସୂଚନାଯୋଗ୍ୟ, 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ' ଏହି କ୍ଷେତ୍ରରେ ବେଶ୍ ସଫଳତାର ସହ ଉଲ୍ଲେଖନୀୟ କାର୍ଯ୍ୟ କରିଚାଲିଛି ଏବଂ ଆଗାମୀ ଦିନ ପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିଛି।

ଗତ ୨ ଜୁଲାଇ ୨୦୨୪ରେ ଅନୁଷ୍ଠିତ 'କାଦମ୍ବିନୀ' ରୌପ୍ୟଜୟନ୍ତୀ ସମାରୋହ ଅବସରରେ 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ'ର କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ଅଚ୍ୟୁତ ସାମନ୍ତ ଗୋଟିଏ ମହତ୍ୱପୂର୍ଣ୍ଣ ଘୋଷଣା କରି କହିଥିଲେ- **"'କାଦମ୍ବିନୀ'ର ୨୫ ବର୍ଷ ପୂରଣ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଉପରେ ଗବେଷଣା ନିମନ୍ତେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଯୁବ ସାହିତ୍ୟିକ ବା ଗବେଷକଙ୍କୁ 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍' ପ୍ରଦାନ କରାଯିବ।"**

ପ୍ରତିଷ୍ଠାତା ପ୍ରଫେସର ସାମନ୍ତଙ୍କ ଉକ୍ତ ଘୋଷଣାନୁଯାୟୀ, **ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସମ୍ପର୍କିତ ବିଭିନ୍ନ କ୍ଷେତ୍ରର ଉଚ୍ଚତର ତଥା ଉଚ୍ଚକୋଟୀର ଗବେଷଣା କାର୍ଯ୍ୟ ନିମନ୍ତେ ୨୫ରୁ ୪୦ ବର୍ଷ ବୟସର ଯୁବ ସାହିତ୍ୟିକ ଓ ଗବେଷକମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି।**

**'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫' ପାଇଁ ଆବେଦନ କରିବାର ଶେଷ ତାରିଖ ୩୧ ଡିସେମ୍ବର ୨୦୨୪।**

## 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫' ସମ୍ପର୍କରେ:

- ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସମ୍ପର୍କିତ ବିଭିନ୍ନ କ୍ଷେତ୍ରର ଉଚ୍ଚତର ତଥା ଉଚ୍ଚକୋଟୀର ଗବେଷଣା କାର୍ଯ୍ୟ ନିମନ୍ତେ ୨୫ରୁ ୪୦ ବର୍ଷ ବୟସର ଗବେଷକଙ୍କୁ ଆର୍ଥିକ ଅନୁଦାନ ସମେତ 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫' ପ୍ରଦାନ କରାଯିବ।
- ଆର୍ଥିକ ଅନୁଦାନ ସ୍ୱରୂପ ନିୟମାବଳୀ ଅନୁସାରେ ପ୍ରତ୍ୟେକ ଗବେଷକଙ୍କୁ ମାସିକ ୧୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।
- ଗବେଷଣାର ଅବଧି ୧ ବର୍ଷ।
- 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫' ନିମନ୍ତେ ଗବେଷକଙ୍କ ପାଇଁ ସେମାନଙ୍କ ଗବେଷଣାର କ୍ଷେତ୍ର ହେଉଛି ଓଡ଼ିଆ ଭାଷା, ସାହିତ୍ୟ, କଳା (ଚାରୁକଳା, କାରୁକଳା ଓ ଲଳିତ କଳା) ଏବଂ ସଂସ୍କୃତି (ନୃତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ଜଗନ୍ନାଥ ସଂସ୍କୃତି, ଆଦିବାସୀ ସଂସ୍କୃତି ଇତ୍ୟାଦି)।

  **'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫' ନିମନ୍ତେ ଇଚ୍ଛୁକ ଗବେଷକମାନଙ୍କଠାରୁ ସେମାନଙ୍କ ସନ୍ଦର୍ଭର ସାରକଥା ବା Syonopsis ଆହ୍ୱାନ କରାଯାଉଛି। ଏହି Syonopsis ଗ୍ରହଣ ପରେ 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ' ପକ୍ଷରୁ ଗଠିତ ଉଚ୍ଚସ୍ତରୀୟ ବିଚାରକମଣ୍ଡଳୀ ଉପଯୁକ୍ତ ବିଚାରକରି ଗବେଷକ ନିର୍ଣ୍ଣୟ କରିବେ।**

## ନିୟମାବଳୀ:

- ଆବେଦନକାରୀଙ୍କ ବୟସ ୩୧ ଡିସେମ୍ବର ୨୦୨୪ ସୁଦ୍ଧା ୨୫ରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
- ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ସ୍ନାତକ ହେବା ଉଚିତ।
- 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ' ନିକଟକୁ ପ୍ରେରଣ କରୁଥିବା ସନ୍ଦର୍ଭର ସାରକଥା ବା Syonopsis ୩୫୦୦-୪୦୦୦ ଶବ୍ଦ ମଧ୍ୟରେ ସୀମିତ ରହିବା ଆବଶ୍ୟକ।
- Syonopsis ସହିତ ନିଜର ଆତ୍ମ ପରିଚିତି, ଜନ୍ମ ପ୍ରମାଣପତ୍ର (ଆଧାର କାର୍ଡ଼ର ନକଲ), ସମସ୍ତ ଶିକ୍ଷାଗତ ପ୍ରମାଣପତ୍ରର ନକଲ, ନିଜର ବା ନିଜ ପରିବାରର ଆୟ ସମ୍ପର୍କିତ ପ୍ରମାଣପତ୍ର, ଚାକିରି କରୁଥିଲେ ଉକ୍ତ ଅନୁଷ୍ଠାନରୁ ଆପତ୍ତିବିହୀନ ପ୍ରମାଣପତ୍ର ବା No Objection Contificate ମଧ୍ୟ ପ୍ରେରଣ କରିବାକୁ ହେବ।
- Syonopsis ପ୍ରେରଣ ସମୟରେ ଗବେଷଣାର ଉଦ୍ଦେଶ୍ୟ ଓ ନୂତନତା ସମ୍ପର୍କରେ ଉଲ୍ଲେଖ କରିବେ।

- Syonopsis ପ୍ରେରଣ ସମୟରେ ଗବେଷକ ୨ଜଣ ବିଶିଷ୍ଟ ବ୍ୟକ୍ତି କିମ୍ବା ଅନୁଷ୍ଠାନର ମୁଖ୍ୟଙ୍କ ସୁପାରିଶ ପତ୍ରର ମୂଳ ପ୍ରତିରୂପ ପ୍ରେରଣ କରିବା ଜରୁରୀ।
- ଏହି ସମୟ ମଧ୍ୟରେ ଗବେଷକ ଯଦି ଅନ୍ୟ କୌଣସି ଅନୁଷ୍ଠାନର ଫେଲୋସିପ୍ କିମ୍ବା ଅନ୍ୟ କୌଣସି ଗବେଷଣା କାର୍ଯ୍ୟରେ ସଂଶ୍ଲିଷ୍ଟ ଥିବେ; ସେ ସମ୍ପର୍କରେ ସବିଶେଷ ଜଣାଇବାକୁ ପଡ଼ିବ।
- ଆବେଦନକାରୀଙ୍କୁ ନିଜର ସାରସ୍ୱତ କାର୍ଯ୍ୟ ଏବଂ ପ୍ରକାଶିତ ପୁସ୍ତକ/ଲେଖା ଓ ପ୍ରମୁଖ ପୁରସ୍କାର (ଯଦି ଥାଏ)ର ତାଲିକା ସଂଲଗ୍ନ କରିବାକୁ ପଡ଼ିବ।
- ନୂତନ ଆଭିମୁଖ୍ୟ ବିଶିଷ୍ଟ ସନ୍ଦର୍ଭକୁ ବିଚାକମଣ୍ଡଳିଙ୍କ ଦ୍ୱାରା ପ୍ରାଥମିକତା ଦିଆଯିବ।
- 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ' ପକ୍ଷରୁ ଗଠିତ ଏ ସମ୍ପର୍କିତ ଉଚ୍ଚ ବିଚାରକଣ୍ଡଳୀ ଦ୍ୱାରା Syonopsis ଚୟନ ପରେ ଗବେଷକଙ୍କୁ ସାକ୍ଷାତକାର ପାଇଁ ଡକାଯିବ।
- ମନୋନୀତ ହେଲାପରେ ଗବେଷକ ପ୍ରତି ୩ ମାସ ଅନ୍ତରରେ ସେମାନଙ୍କ ଅନ୍ତରୀଣ ଗବେଷଣା ସନ୍ଦର୍ଭ ଦାଖଲ କରିବେ। ପ୍ରତି ସନ୍ଦର୍ଭ ଚାରିଟି ଅଧ୍ୟାୟ ବା ପରିଚ୍ଛେଦରେ ବିଭକ୍ତ ହୋଇଥିବା ଦରକାର।
- ଅନ୍ତରୀଣ ସନ୍ଦର୍ଭଟି ସ୍ଥିରୀକୃତ କମିଟି ଦ୍ୱାରା ଯାଞ୍ଚ କରାଯିବା ପରେ ଗବେଷକଙ୍କୁ ଅର୍ଥରାଶି ପ୍ରଦାନ କରାଯିବ। ବର୍ଷ ଶେଷରେ ସମ୍ପୂର୍ଣ୍ଣ ସନ୍ଦର୍ଭ ଦାଖଲ କରିବେ।
- ସନ୍ଦର୍ଭର ସାରକଥା ଓ ସମ୍ପୂର୍ଣ୍ଣ ସନ୍ଦର୍ଭ କେବଳ ନିର୍ଭୁଲ୍ ଓ ସ୍ୱଷ୍ଟ ଓଡ଼ିଆ ଭାଷାରେ ଡି.ଟି.ପି ହେବା ଆବଶ୍ୟକ। ଏବଂ ତାହା ସୁନ୍ଦର ଭାବରେ ବନ୍ଧେଇ (ସ୍ପାଇରାଲ୍ ବାଇଣ୍ଡିଂ) ଭାବେ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ।
- ସନ୍ଦର୍ଭର ସାରକଥା ସମେତ ସମ୍ପୂର୍ଣ୍ଣ ସନ୍ଦର୍ଭ ନିଜସ୍ୱ ଶୈଳୀ ଓ ଜ୍ଞାନପ୍ରସୂତ ହେବା ଜରୁରୀ। ଅନ୍ୟ କୌଣସି କୃତିରୁ ତାହା ନକଲ ହେବା ଭଳି କାର୍ଯ୍ୟ ନ ହେବା ଉଚିତ। ଅନ୍ୟଥା ସାରକଥା ବା ସନ୍ଦର୍ଭଟି ଯୋଗ୍ୟ ବିବେଚିତ ହେବନାହିଁ।
- ଏ ସମ୍ପର୍କିତ ପ୍ରତ୍ୟେକଟି ବିଷୟରେ 'କାଦମ୍ବିନୀ ସାହିତ୍ୟ ଏକାଡ଼େମୀ' କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ହିଁ ସର୍ବଶେଷ ନିଷ୍ପତ୍ତି।
- ନିମ୍ନୋକ୍ତ ଫର୍ମଟିକୁ ଡାଉନଲୋଡ୍ କରି, ନିର୍ଭୁଲ୍ ଓ ସ୍ୱଷ୍ଟ ରୂପେ ପୂରଣ କରି କେବଳ ରେଜେଷ୍ଟ୍ରି ପୋଷ୍ଟ୍ କିମ୍ବା କୋରିଅର୍ ମାଧ୍ୟମରେ ନିମ୍ନରେ ଥିବା ଠିକଣାରେ ପ୍ରେରଣ କରିପାରିବେ।

**ବି.ଦ୍ର.:** ଫର୍ମ ସହିତ ସଂଲଗ୍ନ କରିବା ବାଧ୍ୟତାମୂଳକ- ୧. ଜନ୍ମ ଓ ଆୟ ସମ୍ପର୍କିତ ତଥା ଆପତ୍ତି ବିହୀନ ପ୍ରମାଣପତ୍ର; ୨. ୩୫୦୦-୪୦୦୦ ଶବ୍ଦ ମଧ୍ୟରେ ସନ୍ଦର୍ଭର ସାରକଥା (Syonopsis); ୩. ଦୁଇ ଜଣ ପ୍ରତିଷ୍ଠିତ ବ୍ୟକ୍ତି/ଅନୁଷ୍ଠାନ ଦେଇଥିବା ସୁପାରିଶପତ୍ରର ମୂଳ ପ୍ରତିରୂପ ଏବଂ ୪. ସାରସ୍ୱତ କାର୍ଯ୍ୟ, ପ୍ରକାଶିତ ପୁସ୍ତକ / ଲେଖା ଓ ପ୍ରମୁଖ ପୁରସ୍କାର (ଯଦି ଥାଏ)ର ତାଲିକା।


**କାଦମ୍ବିନୀ ସାହିତ୍ୟ ଏକାଡ଼େମୀ**

କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର,
ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧
**କଥାବାର୍ତ୍ତା:** ୭୩୨୮୮୪୧୯୩୩, ୭୩୨୮୮୪୧୯୩୨
**Email:** kadambini.odia@gmail.com
**Website:** www.kadambini.org

# କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ୨୦୨୪-୨୫ ନିମନ୍ତେ ଦରଖାସ୍ତ


**କାଦମ୍ବିନୀ ସାହିତ୍ୟ ଏକାଡ଼େମୀ**

କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର,

ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧

**କଥାବାର୍ତ୍ତା:** ୭୩୨୮୮୪୧୯୩୩, ୭୩୨୮୮୪୧୯୩୨

**Email:** kadambini.odia@gmail.com, **Website:** www.kadambini.org


ଫଟୋ

## ପଞ୍ଜିକରଣ ବିବରଣୀ

| | |
|---|---|
| ନାମ | |
| ଜନ୍ମ ତାରିଖ | ☐☐ ☐☐ ☐☐☐☐ |
| ମା'ଙ୍କ ନାମ | |
| ବାପାଙ୍କ ନାମ | |
| ଲିଙ୍ଗ | ☐ ମହିଳା ☐ ପୁରୁଷ ☐ ଅନ୍ୟ |
| ବୃତ୍ତି | |
| ଆୟ (ବାର୍ଷିକ) | |
| ସମ୍ପୂର୍ଣ୍ଣ ସ୍ଥାୟୀ ଠିକଣା | |
| ଯୋଗାଯୋଗ ଠିକଣା | |
| ମୋବାଇଲ୍ ନଂ. | |
| ଇ-ମେଲ୍ | |
| ଆଧାର ନଂ. | |
| ପ୍ୟାନ୍ ନଂ. | |

## ଶିକ୍ଷାଗତ ଯୋଗ୍ୟତା

| କ୍ର.ନଂ. | ଶିକ୍ଷାର ନାମ | ଶିକ୍ଷାନୁଷ୍ଠାର ନାମ | ବିଷୟ | ଉତ୍ତୀର୍ଣ୍ଣ ବର୍ଷ |
|---|---|---|---|---|
| ୧. | | | | |
| ୨. | | | | |
| ୩. | | | | |
| ୪. | | | | |

## ସନ୍ଦର୍ଭ ବିବରଣୀ

| | |
|---|---|
| କ୍ଷେତ୍ର : | ଉପକ୍ଷେତ୍ର : |
| ବିଷୟ : | |

- ଆବେଦନକାରୀଙ୍କ ଯୋଗ୍ୟତା ସମ୍ପର୍କିତ ସୁପାରିଶପତ୍ର ଦେଇଥିବା ଦୁଇ ଜଣ ପ୍ରତିଷ୍ଠିତ ବ୍ୟକ୍ତି/ଅନୁଷ୍ଠାନଙ୍କ ନାମ।

| କ୍ର.ନଂ. | ପ୍ରତିଷ୍ଠିତ ବ୍ୟକ୍ତି / ଅନୁଷ୍ଠାନର ନାମ | ସମ୍ପୂର୍ଣ୍ଣ ଠିକଣା, ମୋବାଇଲ୍ ନଂ., ଇ-ମେଲ୍ |
|---|---|---|
| ୧. | | |
| ୨. | | |

- ପୂର୍ବରୁ କୌଣସି ଫେଲୋସିପ୍ ପାଇଛନ୍ତି କି ? ☐ ହଁ ☐ ନା
- ଯଦି ହଁ, ଫୋଲୋସିପ୍ ପାଇଥିବା ବର୍ଷ: ____________ ଭାଷା: ____________

  ବିଷୟ: ____________________________

  ସଂସ୍ଥାର ନାମ: ____________________________
- ପୂର୍ବରୁ କୌଣସି ବିଷୟରେ ଗବେଷଣା କରିଛନ୍ତି କି ? ☐ ହଁ ☐ ନା
- ଯଦି ହଁ, ଗବେଷଣା କରିଥିବା ବର୍ଷ: ____________ ଭାଷା: ____________

  ବିଷୟ: ____________________________

  ସଂସ୍ଥାର ନାମ: ____________________________

(ଆବେଦନକାରୀଙ୍କ ଦସ୍ତଖତ)